ଶୈବ ଓ ଶାକ୍ତ ମିଳନର ପର୍ବ ମେରୁ ଯାତ୍ରା ଉଦ୍‌ଯାପିତ

ମୋହନା,୧୪।୪(ଅନୁପମ ମିଡ଼ିଆ): ଗଜପତି ଜିଲ୍ଲାର ମୋହନା ବ୍ଲକ ଆକିଲି ଗ୍ରାମରେ ପ୍ରଥମ କରି ମା' ଦକ୍ଷିଣ କାଳୀଙ୍କ ଦଣ୍ଡ ଯାତ୍ରା ଆୟୋଜିତ ହୋଇଥିଲା । ଏଥିରେ ମାନସିକଧାରୀ ଦଣ୍ଡୁଆ ମାନେ ଗତ ୧୩ଦିନ ଧରି

ନିଷ୍ଠା ସହ କାରେ ମା'ଙ୍କୁ ଧରି ଖାଲି ପାଦରେ ପ୍ରଚଣ୍ଡ ରୌଦ୍ରତାପରେ ଗାଁ ଗାଁ ବୁଲିଥିଲେ । ପ୍ରତ୍ୟେକ ଦିନ ଧୂଳି ଦଣ୍ଡ ଭାଙ୍ଗି ରାତିରେ ଅର୍ଣ୍ଣ ପ୍ରସାଦ ସେବନ କରୁଥିଲେ । ରବିବାର ଦିନ କାଳେସୀଙ୍କ ଦେହକୁ ମା ବିରାଜ ମାନ କରିବା ପରେ ମେରୁ ଉକୁଚା ଯାଇଥିଲା । ଏହି ଯାତ୍ରା ଦେଖିବା ପାଇଁ ଅଞ୍ଚଳର ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା ।

ବୁଗୁଡା: ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଆସିଥିବା ଗଣପର୍ବ ଦଣ୍ଡଯାତ୍ରା ପବିତ୍ର ମେରୁ ମାସନ୍ତ ଏବଂ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଯାଇଥିଲା ବେଳେ ଉତ୍ସାହର ସହ ମେରୁ ପର୍ବ ପାଳିତ ହୋଇଯାଇଛି । ଚଳିତ ବର୍ଷ ପ୍ରବଳ ଜନ ସମାଗମ ସହ ଆନନ୍ଦ ଉଲ୍ଲାସରେ ତାଳସାକର ଓ ଡାକରାବାଡି ଗ୍ରାମରେ ମାସନ୍ତ ମେରୁ ଏବଂ ବୁଗୁଡ଼ା ସମେତ ଚିରିକିପଡା,ମରେଇପଲ୍ଲୀ, ଗୋଲିଆ, ଭାମଶ୍ୟାଳି, ପଙ୍କଳବାଡି,ଆଶ୍ରମ କରଡ଼ାବାଡ଼ି, ପୋଚାଲୁଣ୍ଡି, ବକ୍ସିପଲ୍ଲୀ , ବଣପଲ୍ଲୀ,ପାଣିକେଶର,ଭାବସର,

ଚିଲିଖମା ଓ କାନନକୁଟୀର ଆଦି ଗ୍ରାମରେ ସଂକ୍ରାନ୍ତି ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପର୍ବ ପାଳନ ଅବସରରେ ଦଣ୍ଡକାଳୀ ମନ୍ଦିର ଗୁଡିକ ନିକଟରେ ଯଥା ରୀତିନୀତି ପ୍ରକାରେ ଧୂଳିଦଣ୍ଡ ,ଜଳଦଣ୍ଡ ଓ ଅଗ୍ନିଦଣ୍ଡ ପରେ ଦଣ୍ଡୁଭୁକ୍ତାମାନେ ଗ୍ରାମ୍ୟ ପରିକ୍ରମା କରିଥିଲେ । ତାପରେ ମେରୁ ମଣ୍ଡପଠାରେ ହୋମକୁଣ୍ଡ ପ୍ରଜ୍ୱଳନ କରାଯାଇ ତାହା ଉପରେ ପାଟ ଦଣ୍ଡୁଆଙ୍କୁ ଝୁଲାଇ ଝୁଣାମାଡ କରାଯାଇଥିଲା । ଏହି ଦୃଶ୍ୟ ଦେଖିବା ସହ ଶ୍ରଦ୍ଧାଳୁଗଣ ଭକ୍ତିପୂର୍ଣ୍ଣ ଭାବେ ରୁଦ୍ର ଏବଂ କାଳୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏ ଅବସରରେ ବୁଗୁଡା ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଣା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା ।

ପୋଲସରା: ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ଯାତ୍ରାକୁ ନେଇ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହେଉଛି। ଏହି ଅବସରରେ ପୋଲସରା ଅଞ୍ଚଳରେ କେତେକ ସ୍ଥାନରେ ମାସନ୍ତ ମେରୁ ଓ ସଂକ୍ରାନ୍ତି ମେରୁ ଅନୁଷ୍ଠିତ ହୋଇଯାଇଛି । ମାସନ୍ତ ଓ ସଂକ୍ରାନ୍ତି ଦିନ ଦଣ୍ଡୁଆ ମାନେ ସହରରେ ଥିବା କାଳୀ ମନ୍ଦିରରୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ସହର ପରିକ୍ରମା କରିବା ପରେ ଧୂଳିଦଣ୍ଡ, ପାଣି ଦଣ୍ଡ, ପରେ ମେରୁ ପର୍ବ,ସନ୍ଧ୍ୟାରେ ଆଳତୀ, ରାତ୍ର ମନ୍ଦିରରେ ଶୁଖିଲା ଭୋଗ ପରେ ସାଂସ୍କୃତିକ

କାର୍ଯ୍ୟକ୍ରମ ତଥା ନାଟକ ମଞ୍ଚସ୍ଥ କରିଥିଲେ । ପୋଲସରା ସହର ମଧ୍ୟରେ ଥିବା ଦକ୍ଷିଣ କାଳୀ, ରାଣିପଡା ଠାରେ ଥିବା ଉତ୍ତରା କାଳୀ ସମେତ ମଥୁରା, ରୁଖାକଣା , ହାତୀଓଟ, ଜେମାଦେଇପୁର ଶାସନ, ରୁମାଗଡ଼, ସୋଡକ, ଢୁଙ୍କାପଡା ,କଣଛାଇ , ମରେଇପଲ୍ଲି,, ମାଳ ତେନ୍ତୁଳିଆ, ବିଲେଇଝୁରି, ଚିରିକିପଡ଼ା, ଖଇଖତ , ତିରିବିରୀ, ପାଟିଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଅଛି । ମେରୁ ପର୍ବ ପାଳନ ଅବସରରେ ବିଭିନ୍ନ ସେବା ସଂଗଠନ ପକ୍ଷରୁ ନବାତ ପଣା, ଛେନା ପଣା,ପାଣି, ଦହିପଣା, ଆଦି ବଣ୍ଟନ କରିଥିଲେ । ପୋଲସରା ସ୍ଥିତ କଳିଙ୍ଗ ବୈଶ୍ୟ ମହିଳା ସଙ୍ଘ (ପ୍ରଥମ), ମାଛ ମାର୍କେଟ ସଙ୍ଘ, ବିଶ୍ୱ ହିନ୍ଦୁ ପରିଷଦ ବିବେକାନନ୍ଦ ପ୍ରଭାତ ଶାଖା, ବିଦ୍ୟା ସାଗର କ୍ଲାସେସ , ଗୋପବନ୍ଧୁ ହାଇସ୍କୁଲ ଛକ, ମିଲସାହି ଛକ, ମାଛ ମାର୍କେଟ ପକ୍ଷରୁ , ପୋଲସରା ଏନ ଏ ସି, ଶ୍ରୀ ସତ୍ୟ ସାଇ ସେବା ସମିତି, ବଜାର ସାହି ଛକ ତଥା ଅନ୍ୟାନ୍ୟ ସ୍ଥାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କୁକୁଡ଼ାଖଣ୍ଡି: ସଂକ୍ରାନ୍ତି ମେରୁ ଶହଶହ ଶ୍ରଦ୍ଧାଳୁଙ୍କ ଗହଣରେ ପାଳନ କରାଯାଉଛି। ଆସ୍ଥା ଓ ବିଶ୍ୱାସର ଏହି ମେରୁ ସଂକ୍ରାନ୍ତି ଯାତ୍ରାରେ ସାମିଲ ହୋଇଥାନ୍ତି । ଏହିଦିନରେ ଗଞ୍ଜାମ ପ୍ରସିଦ୍ଧ ଦଣ୍ଡ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏଥିଲାଗି ଗଞ୍ଜାମର ପୁରପଲ୍ଲୀ ଚଳଚଞ୍ଚଳ ହୋଇଛି। ଚାରିଆଡେ ଆଧାତ୍ମିକ ପରିବେଶ ଦେଖାଦେଇଛି । ଦଣ୍ଡୁଆମାନେ ମଧ ମାନସିକ ପୂରଣ କରିବା ଲାଗି ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନେ ପରମ୍ପରା ଅନୁଯାୟୀ ବିଭିନ୍ନ ରୀତିନୀତି ପାଳନ କରିବା ସହ ବ୍ରତ ସମାପନ କରିଥିଲେ । ଗତ ୨୧ ଓ ୧୩ଦିନ ଧରି ଦଣ୍ଡ ଯାତ୍ରାରେ ବାହାରିଥିବା ଦଣ୍ଡୁଆମାନେ ସେମାନଙ୍କ ବ୍ରତ ଉଦ୍‌ଯାପନ କରିଥିଲେ । ଦଣ୍ଡୁଆ ମାନଙ୍କ ଲାଗି ମେରୁଦଣ୍ଡ ସ୍ୱତନ୍ତ୍ର । ଏହିକ୍ରମରେ କୁକୁଡ଼ାଖଣ୍ଡି ବ୍ଲକର ବିଭିନ୍ନ କାଳୀ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ରବିବାର ଅପରାହ୍ନରେ ମସିହାଖାଲି, ବୋରିଗାଁ, ଆଙ୍କୁଶପୁର, କୁକୁଡ଼ାଖଣ୍ଡି, ବାଉଁସିଆପଲ୍ଲୀ, ଗୁରୁଣ୍ଡି, ଶ୍ରୀରଙ୍ଗରାଜପୁର, ରୋହିଗାଁ, ଲାଞ୍ଜିଆ, ଦକ୍ଷିଣପୁର, ଲୋଚାପଡା, ବୋରିଗାଁ, ବେନ୍ଦାଳିଆରେ ମେରୁଦଣ୍ଡ ହୋଇଯାଇଛି । ପାରମ୍ପରିକ ରୀତି ଅନୁସାରେ

ଦଣ୍ଡ ପାଇଁ ମାନସିକ କରିଥିବା ଦଣ୍ଡୁଆମାନେ ଦଣ୍ଡ ପ୍ରାରମ୍ଭରେ ସେହିକାଳ ମଧ୍ୟରେ ଆମିଷ, ମଦ୍ୟ, ନାରୀ ସମ୍ପର୍କ ପରିହାରର ସଂକଳ୍ପ ନେଇ ଗେରୁଆ ବସ୍ତ୍ର ପରିଧାନ କରି ଉପାସନା କରିଥିଲେ । ମେରୁଦଣ୍ଡ ମଣ୍ଡପରେ କାମନା ଘଟ ସ୍ଥାପନ, ଦୁଇଟି ବେତକୁ ଶିବ ଓ ଗୌରୀଙ୍କ ପ୍ରତୀକ ଭାବରେ ସ୍ଥାପନ କରାଯାଇଥାଏ । ମୁଖ୍ୟ ଦଣ୍ଡୁଆ ବା ପାଟଭୁକ୍ତା ସମସ୍ତ ଦଣ୍ଡୁଆଙ୍କୁ ଉପବୀତ ଧାରଣ କରାଇବା ସହ ବାଉଁଶ କାଠି ଘର୍ଷଣ କରି ଶିବାଗ୍ନି ବାହାର କରିଥାନ୍ତି । ଏହା ଏକ ଅନନ୍ୟ ପରପମ୍ପରା । ଶିବ ମନ୍ଦିର ତିଆରି ଚମ୍ପାବରକୁ ହୁମ କରି ଶିବାଗ୍ନିରେ ପାଟଭୁକ୍ତା ମାନେ ପ୍ରଜ୍ୱଳିତ କରିଥାନ୍ତି । ଆଜି ମେରୁସଂକ୍ରାନ୍ତିରେ ଦଣ୍ଡଯାତ୍ରା ମେରୁ ଉକୁଚା ପରେ ଉଦ୍‌ଯାପିତ ହୋଇଯାଇଛି । କୁକୁଡ଼ାଖଣ୍ଡି ଗ୍ରାମରେ ମା' ଦକ୍ଷିଣ କାଳୀଙ୍କ ଯାତ୍ରା ଉଦ୍‌ଯାପନ୍ ଅବସରରେ ଉପଦେଷ୍ଟା ଭାବେ ରବିନ୍ଦ୍ର କୁମାର ପଣ୍ଡା, କୈଳାଶ ରଣା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ସମିତି ସଭ୍ୟ ଅଶୋକ ଦାସ, ଏ.ଚେନ୍ନେୟା, ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ମ୍ୟାନେଜର ବି.ସଦାନନ୍ଦ, ମନ୍ଦିର ପରିଚାଳନା କମିଟିର ସଭାପତି କାମାକ୍ଷା ପ୍ରସାଦ ପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଓ ବ୍ରହ୍ମପୁର ସଦର ଥାନା ପୋଲିସ ପକ୍ଷରୁ ମେରୁ ଯାତ୍ରାକୁ ସହଯୋଗ କରିଥିଲେ ।

ଫିରିଙ୍ଗିଆ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଲାପଡ଼ା ଠାରେ ବାବା ବିରୁପାକ୍ଷ ଓ ମା ରୁଦ୍ରକାଳୀ ଙ୍କ ତେର ଦିନ ଦଣ୍ଡ ଯାତ୍ରା ପରେ ରବିବାର ଉଦଯାପିତ ହୋଇଯାଇଛି । ଏହି ଯାତ୍ରା ମହାସମାରୋହରେ କେଲାପଡ଼ା ଠାରେ ଥିବା ଶ୍ରୀଶ୍ରୀ ବାବା ବିରୂପାକ୍ଷ ମା ରୁଦ୍ରକାଳୀ କାମନା ଦଣ୍ଡ ସେବା ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ହଜାର ହଜାର ଭକ୍ତ ଙ୍କ ସମାଗମ ଦେଖିବାକୁ ମିଳିଥିଲା । ଗତ ଏକ ତାରିଖ ଠାରୁ

ଆରମ୍ଭ ହୋଇଥିବା ଏହି ଦଣ୍ଡ ଯାତ୍ରା ଚଉଦ ଦିନ ଧରି ଜିଲ୍ଲାର ବିଭିନ୍ନ ଗାଁ ରେ ନୃତ୍ୟ ପ୍ରଦର୍ଶନ କରି ରବିବାର କେଲାପଡ଼ା ଠାରେ ଥିବା କାମନା ମନ୍ଦିର କୁ ପହଞ୍ଚିଥିଲା । ପରେ ସକାଳୁ ଦଣ୍ଡୁଆ ମାନଙ୍କ ଦ୍ୱାରା ଧୂଳି ଦଣ୍ଡ ପାଣି ଦଣ୍ଡ ଓ ନୃତ୍ୟ ପ୍ରଦର୍ଶନ କରି ସାରିବା ପରେ ସଂଧ୍ୟା ସାତଟାରେ ମା'ଙ୍କ କାମନା ମନ୍ଦିର ସମ୍ମୁଖରେ ମେରୁଯାତ୍ରା ବା ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଏହି ମେରୁ ଯାତ୍ରା ରେ ମହିଳା ଭକ୍ତ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା । ମାନସିକଧାରୀମାନେ ମାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମା' ରୁଦ୍ରକାଳୀ ଙ୍କ ପାଟଭୁକ୍ତା ଅଶ୍ୱିନୀ ବିଶୋଇଙ୍କ ନେତୃତ୍ୱ ରେ ଅଧିକାରୀ ରଙ୍କ ବିଶୋଇ, ବିଡିଓ ବିଶୋଇ, ପ୍ରତାପ ବିଶୋଇ, ମିଥୁନ ନାୟକ, ପ୍ରଫୁଲ୍ଲ ବେହେରା , ଗିରିଶ ଚନ୍ଦ୍ର ଦେହୁରୀ ଓ ଦଣ୍ଡ ଯାତ୍ରା କମିଟି ର ସମସ୍ତ ସଦସ୍ୟ ସମସ୍ତ ଦଣ୍ଡୁଆ ଉପସ୍ଥିତ ରହି ପରିଚାଳନା କରିଥିଲେ ।

ଭଞ୍ଜନଗର: ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡଯାତ୍ରାର ତଥା ବିଭିନ୍ନ ଦଣ୍ଡମନ୍ଦିରରେ ମେରୁପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଦଣ୍ଡଯାତ୍ରା ଗତ

ତେର ଦିନ ପୂର୍ବରୁ ଆରମ୍ଭ ହୋଇଥିଲା । ବିଭିନ୍ନ ଗ୍ରାମର ଦଣ୍ଡ ଦଳରେ ତେରଭୁକ୍ତା ରହି ମାନସିକଧାରୀଙ୍କ ଦାଣ୍ଡ ଦ୍ୱାରରେ ପ୍ରାତଃ ବନ୍ଦନା, ଅପରାହ୍ନରେ ଢ଼ୋ ଢ଼ୋ ଖରାରେ ଧୂଳିଦଣ୍ଡ ବିଧାନ, ଜଳତୋଠ ରେ ଆମ୍ବ ଡାଳରେ ଦନ୍ତଧାବାନ, ପୂଜା ପରେ ଜଳପନ, ସନ୍ଧ୍ୟାରେ ଆରତୀ ଦର୍ଶନ ଏବଂ ମଧରାତ୍ରରେ ପ୍ରସାଦ ସେବନ କରି ଭକ୍ତଙ୍କ ମାନସିକପୂର୍ଣ୍ଣ କାମନା କରି ଅଗ୍ନିଦଣ୍ଡ ସାହାଯ୍ୟରେ ମା' କାଳୀ ବିଜେ କରାଇଥାନ୍ତି । ରାତ୍ର ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ଏଭଳି ତେର ଦିନ ଘରରୁ ବାହାରି ଏକ ମୁହଁ ହୋଇ ମା' କାଳୀଙ୍କ ଶରଣରେ ଆଶ୍ରୟ ନେଇଥାନ୍ତି । ଆଜି ଶେଷ ଦିବସରେ ମା' କାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ପଣ୍ଡିତଙ୍କ ଦ୍ୱାରା ହୋମ, ପୂଜା ଅନୁଷ୍ଠିତ ହୋଇଥିଲା। ଦଣ୍ଡ ଦଳର ପାଟଦଣ୍ଡୁଆ ପୂର୍ବ ରାତ୍ରରୁ ଗୁହାରିଆ ମା'ଙ୍କ ଆଗରେ ପଡ଼ିଥାନ୍ତି । ମା'ଙ୍କ ସ୍ୱପ୍ନା ଦେଶ ଆସିଲେ ସେ ମେରୁ ପର୍ବ ଆରମ୍ଭ ପାଇଁ ସୂଚନା ଦେଇଥାନ୍ତି । ପରେ ମେରୁ ପର୍ବ ଆରମ୍ଭ ହୋଇଥିଲା । ମେରୁ ପଡିଆରେ ହଜାର ହଜାର ଭକ୍ତ ସମାଗମ ହୋଇଥିଲେ । ମେରୁ ମଣ୍ଡପରେ ମା' କାଳୀଙ୍କ ପଞ୍ଚ ଉପଚାର ପୂଜା ଅନୁଷ୍ଠିତ ହୋଇଥାଏ । ପରେ ମେରୁମଣ୍ଡପ ଉପରେ ମେରୁ ଉକୁଚା କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ମେରୁବ୍ରତଧାରୀ ମାନଙ୍କ ଭୋଗ ମା'ଙ୍କୁ ଅର୍ପଣ ପରେ ଦଣ୍ଡୁଆ ମାନେ ଜଳପାନ କରିଥିଲେ । ସନ୍ଧ୍ୟାରେ ଆରତୀ ଏବଂ ରାତ୍ରରେ ଗାଁ କୋଠ ରେ ଶେଷ ନାଚ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ମାସନ୍ତ ମେରୁ ଦଣ୍ଡଘର ମାନଙ୍କରେ ତେର ଦିନ ଦଣ୍ଡ ପର୍ବ ଶାନ୍ତି ଶୃଙ୍ଖଳା ଏବଂ ଭାଇଚାରା ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା । ଗ୍ୟାଲେରୀ ସମେତ, ମୁଜାଗଡ଼ ,ଢୁଢୁହା,ଗାମୁଣ୍ଡି, ବାଇବାଲି ଅଂଚଳରେ ପାଳିତ ହୋଇଯାଇଛି ।

ପୁରୁଷୋତ୍ତମପୁର: ଗଞ୍ଜାମ ଜିଲାର ପ୍ରସିଦ୍ଧ ମା' ଦଣ୍ଡ କାଳୀଙ୍କ ଯାତ୍ରା ରବିବାର ମେଷ ସଂକ୍ରାନ୍ତି ବା ମେରୁ ଯାତ୍ରାରେ ଉଦ୍‌ଯାପିତ ହୋଇଛି। ଏନେଇ ପୁରୁଷୋତ୍ତମପୁର ସହରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଢୋଲ, ଝାଞ୍ଜ ସାଙ୍ଗକୁ କଳାରୁଦ୍ରମଣିଙ୍କୁ ଭଜହେ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା। ଏଠାରେ ୩ଟି ଦଣ୍ଡ ଯାତ୍ରା ଦଳ ଧୋବା ପୁଞ୍ଜା, ଗୌଡ଼ ପୁଞ୍ଜା ଓ ବିପତ୍ତି ହାରିଣି ତେଲି ପୁଞ୍ଜା ଭାବେ ରହିଛନ୍ତି। ଅନ୍ୟପପକ୍ଷରେ ମା' ଦଣ୍ଡକାଳିଙ୍କ ଉଦ୍‌ଯାପନୀ ଅବସରରେ ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷାକରିଛନ୍ତି । ଏହା ସାଙ୍ଗକୁ ମାନସିକ ପୂରଣ ଲାଗି ଶତାଧିକ ମହିଳା ପ୍ରଚଣ୍ଡ ଖରାରେପୋଖରୀ ତୁଠରେ ଅଧିଆ ପଡ଼ିଥିଲେ । ଅଧିଆ ପଡ଼ିଲେ ନିଜ ମନସ୍କାମନା ପୂରଣ ହେବା ସହ ଫଳ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ତେଣୁ

ଏହି ବିଶ୍ୱାସ ନେଇ ମହିଳାମାନେ ଅଧିଆ ପଡ଼ିଥାନ୍ତି। ମାତ୍ର ଗୋପାଳବନ୍ଧ ପରିସର ଅପରିସ୍କାର ସାଙ୍ଗକୁ ପୋଖରୀରେ ପାଣି ନ ଥିବାରୁ ଅଧିଆ ପଡ଼ିଥିବା ମହିଳା ପୁରୁଷ ମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦୀର୍ଘ ୨୧ଦିନ ଧରି ମାନସିକଧାରୀ ଭକ୍ତ ଘର ଛାଡ଼ି ସନ୍ନ୍ୟାସୀ ଭାବେ ଆସି ଦଣ୍ଡ ଯାତ୍ରାରେ ଭୁକ୍ତା ଭାବେ ସାମିଲ ହୋଇଥାନ୍ତି। ଏପରି କି ଶିବ କାଳୀଙ୍କୁ ସାଙ୍ଗରେ ଧରି ଖାଲି ପାଦରେ ଚାଲି ବିଭିନ୍ନ ଗ୍ରାମ ପରିକ୍ରମା କରିଥାନ୍ତି। ରାତି ଅନିଦ୍ରା ରହି ଦିନକୁ ଥରେ ଖାଦ୍ୟ ଖାଇ ବ୍ରତ କରିଥାନ୍ତି। ଏପରିକି ମାନସିକଧାରୀ ଦାଣ୍ଡରେ କଠୋର ନୃତ୍ୟ କରିଥାନ୍ତି। ମଧ୍ୟାହ୍ନର ଟାଣ ଖରାରେ ଧୂଳି ଦଣ୍ଡ କରାଯାଉଥିବା ବେଳେ ପୋଖରୀରେ ପାଣିଦଣ୍ଡ ଓ ରାତିରେ ଅଗ୍ନି ଦଣ୍ଡ ପରିବେଷଣ କରି ମାନସିକ ପୂରଣ କରିଥାନ୍ତି। ମେରୁ ଯାତ୍ରାରେ ମୁଖ୍ୟ ପାଟ ଭୁକ୍ତାଙ୍କୁ ଅଗ୍ନି କୁଣ୍ଡରେ ଲଟକାଇ ରଖାଯିବା ପରେ ଦଣ୍ଡ ଯାତ୍ରା ସମାପନ ହୋଇଥିଲା। ପୁରୁଷୋତ୍ତମପୁର ଏନଏସି ଅଞ୍ଚଳ ପକ୍ଷରୁ ବିଭିନ୍ନ ଜାଗାରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଗରମରୁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ନିମନ୍ତେ ପଣା ପାଣି ବ୍ୟବସ୍ଥା କରାଯାଇଥିଲା।

ଚମାଖଣ୍ଡି: ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ଗ୍ରାମ ପଞ୍ଚାୟତ ଅଧିନସ୍ଥ କେଟିଏନ୍‌ପୁର ଗ୍ରାମରେ ସହସ୍ରାଧିକ ଭକ୍ତଙ୍କ ଗହଳିରେ ମେରୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ପ୍ରଥମେ ପାଟଭୁକ୍ତା ଓ ଦଣ୍ଡୁଆମାନେ ଏକ ଶୋଭାଯାତ୍ରାରେ ବାହାରି ଘଣ୍ଟ, ଢ଼ୋଲ ବାଦ୍ୟ, କାହାଳୀର ଧ୍ୱନିରେ ସାହି ପରିକ୍ରମା କରିଥିଲେ । ପରେ ସେମାନେ ମଧ୍ୟାହ୍ନରେ ଧୂଳିଦଣ୍ଡ ପରେ ମେରୁମଣ୍ଡପରେ ଏକତ୍ର ହେବା ପରେ ମେରୁଉକୁଚା ଯାଇଥିଲା । ପ୍ରା ୟ ୧୮ ଦିନ ଧରି ମା' ଶ୍ୟାମା କାଳୀମ ନ୍ଦିରଠାରେ ନିଷ୍ଠାପର ଭାବେ ମା'ଙ୍କ ସେବାରେ ନିୟୋଜିତ ପାଟଭୁକ୍ତା ଭଗବାନ ପ୍ରଧାନ ଙ୍କୁ ଧରି ଆଣି,ମେରୁ କୁଣ୍ଡପାଖରେ ପୁରୋହିତ ହରିହର ଶତପଥୀ,ସହକାରୀ ପୁରୋହିତ ନାରାୟଣ ଶତପଥୀଙ୍କ ଯଜ୍ଞକୁଣ୍ଡରେ ମନ୍ତ୍ରଧ୍ୱନି ଉଚ୍ଚାରଣ ପୂର୍ବକ ଘୃତାହୁତି ପରେ ମେରୁ ଉକୁଚା ଯାଇଥିଲା । ଏଥିରେ କର୍ତ୍ତା କୋରା ମହା ରଣା ଓ ତାଙ୍କ ଧର୍ମପତ୍ନୀ କନକ ମହାରଣା ଉପସ୍ଥିତ ରହି ଘୃତାହୁତି ଦେଇଥିଲେ । ପରେ ଭକ୍ତଙ୍କ

ନଡ଼ିଆ, କଦଳୀ ଭୋଗ ମା'ଙ୍କୁ ଅର୍ପଣ ପରେ ଦଣ୍ଡୁଆମାନେ ଜଳପାନ କରିଥିଲେ । ସହସ୍ରାଧିକ ମାନସିକ ଧାରୀ ମେରୁ ସ୍ଥଳରେ ସମବେତ ହୋଇ ମା'କାଳୀଙ୍କଠାରୁ ନିଜ ପରିବାର ମଙ୍ଗଳକାମନା ନେଇ ଆଶୀଷ ଭିକ୍ଷା କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ ବି.ସୁଦାମ ସମିତିସଭ୍ୟା ପ୍ରତିନିଧି ଅମରେଶ୍ୱର ସାହୁ, ସମିତିସଭ୍ୟା ମୀନା କୁମାର ସାହୁ ଓ ନାଏବ ସରପଞ୍ଚ ରୁବି ନାହାକ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମା'ଶ୍ୟାମାକାଳୀ ଉନ୍ନୟନ କମିଟି, ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଅଶ୍ୱିନୀ କୁମାର ସାହୁ ଓ ଗ୍ରାମ୍ୟକମିଟି ସଭାପତି ଅମରେଶ୍ୱର ସାହୁ, ଉପସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ସଭ୍ୟ ରାଜେନ୍ଦ୍ର କୁମାର ସାହୁ, ବୃନ୍ଦାବନ ସାହୁ, ଧର୍ମେନ୍ଦ୍ର ପ୍ରଧାନ, ରବିନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ସମାଜସେବୀ ସମିତ କୁମାର ସାହୁ, ଦିବାକର ପ୍ରଧାନ, ଅଳ୍କୁ ପ୍ରଧାନ, ବିପ୍ର ପ୍ରଧାନଙ୍କ ସମେତ କେଟିଏନ୍‌ପୁର ଗ୍ରାମବାସୀ ଉପସ୍ଥିତ ରହି ସହାୟତା କରିଥିଲେ । ଅନୁରୂପ ଭାବେ ସୀତାନଗର, କମାପଲ୍ଲୀ, ବଉଳଗାଁ, ସୁନ୍ଦରପୁର, ଦନେଇବ୍ରହ୍ମପୁର, ଛତ୍ରପୁର, କୁମାରବେଗପଲ୍ଲୀ ପ୍ରଭୃତି ଗ୍ରାମରେ ୨୧, ୧୮ ଦିନିଆ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ରାତ୍ର କେଟିଏନ୍‌ପୁର ଗ୍ରାମରେ ମଞ୍ଚସ୍ଥ ପୌରାଣିକ ନାଟକ ରାମାୟଣକୁ ଗ୍ରାମବାସୀ ମନଭରି ଉପଭୋଗ କରିଛନ୍ତି ।

ବିଭିନ୍ନ ସ୍ଥାନରେ ପଣା ବଣ୍ଟନ

ଦିଗପହଣ୍ଡି,୧୪।୪ (ଅନୁପମ ମିଡିଆ): ରବିବାର ଦିନ ମହା ବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ମେରୁଦଣ୍ଡ ଯାତ୍ରା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଚନ୍ଦ୍ରଚୂଡେଶ୍ୱର ମନ୍ଦିର ହନୁମାନଙ୍କ ଠାରେ ୧୦୮ ହନୁମାନ ଚାଳିଶା ପାଠ ଆୟୋଜିତ ହେବା ସହ ଦିଗପହଣ୍ଡି ସାହାଣୀ ସାହି,

ଭୋଇ ବାଉରୀ ସାହି, ଚାଞ୍ଚଡାପଲି ଆଦି ବିଭିନ୍ନ ସ୍ଥାନରେ ମେରୁ ଯାତ୍ରା ଅନୁଷ୍ଠିତ ହୋଇଛି।ଏହା ଦେଖିବାକୁ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ସେହିଭଳି ପଣା ସଂକ୍ରାନ୍ତି ଉପଲକ୍ଷେ ଦିଗପହଣ୍ଡି ବାଲାଜୀ ମଠ ଛକ, ଜନତାଲେନ୍, ବସଷ୍ଟାଣ୍ଡ, ପୁଞ୍ଜିକୟାଁ ଛକ ଆଦି ସ୍ଥାନ ମାନଙ୍କରେ ସ୍ୱେଚ୍ଛାସେବୀ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା।

ଛତ୍ରପୁର : ଆଜି ପବିତ୍ର ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ଏହି ଅବସରରେ ଛତ୍ରପୁରର ମାନବ କଲ୍ୟାଣ ଚରେଟିବଲ ଟ୍ରଷ୍ଟ ପକ୍ଷରୁ ସମସ୍ତ ସଭ୍ୟଙ୍କ ସହଯୋଗ ରେ, ସ୍ଥାନୀୟ ଭିଆଇପି ରୋଡ଼ ତଥା ଷ୍ଟାଡିଅମ ନିକଟରେ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି

। ଏଥିରେ ହରପ୍ରସାଦ ସାହୁ, ପ୍ରଦୀପ କୁମାର ସାହୁ, ଇ. ରାଜକୁମାର, କେ. ସାଧନ, ଇ. କଲ୍ୟାଣ, ସତୀଶ, ମନୋଜ ନାୟକ, ସଦାନନ୍ଦ ସାହୁ, ଗୁପ୍ତ ବାବୁ, ପ୍ରଦୀପ ସେନାପତି, ଅରୁଣ କୁମାର ପଣ୍ଡା, କେ. କମଳା କର ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ସାମିଲ ହୋଇ ଭକ୍ତ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ପଣା ବଣ୍ଟନ କରିଥିଲେ ।

କନ୍ଧମାଳ ପ୍ରସିଦ୍ଧ ଶ୍ରୀଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ

ଫୁଲବାଣୀ, ୧୪।୪ (ଅନୁପମ ମିଡିଆ) :ଫୁଲବାଣୀ ର ଆରାଧ୍ୟା ଦେବୀ ମା ନାରାୟଣୀଙ୍କ ସମେତ ପାଞ୍ଚ ଠାକୁରାଣୀଙ୍କ ଐତିହାସିକ ଯାତ୍ରା ଚଳିତ ବର୍ଷ ଅନୁଷ୍ଠିତ ହେବା ଏଥିପାଇଁ ପ୍ରତି ଥର ମହାବିଷୁଭ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ଶ୍ରୀଶ୍ରୀ ମା ନାରାୟଣୀ ଠାକୁରାଣୀଙ୍କ ଷଷ୍ଠ ବିଂଶ ତମ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନା କରା ଯାଇଥାଏ। ଆଜି ମହା ଆଡମ୍ବର ସହକାରେ ସ୍ଥାନୀୟ ପେଞ୍ଜି ସାହି ନିକଟସ୍ଥ ନବୀନ କହଁରଙ୍କ ବଗିଚା ଠାରେ ବୃକ୍ଷ ଛେଦନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା ନାରାୟଣୀ ଯାତ୍ରା କମିଟି ର ସଭାପତି ପି. ସୁଧାଂଶୁ ସେନାପତିଙ୍କ ନେତୃତ୍ବରେ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପୂଜକ ମାନଙ୍କ ଉପସ୍ଥିତିରେ ସମସ୍ତ ରୀତି ନୀତି ପୂଜା ପଦ୍ଧତି ପ୍ରକ୍ରିୟା ପରେ ବୃକ୍ଷ ଛେଦନ କରାଯାଇଥିଲା। ବୃକ୍ଷ ଛେଦନ ପରେ ଉକ୍ତ ଶୁଭଖୁଣ୍ଟିକୁ ଆଣି ରାମ ମନ୍ଦିର ନିକଟସ୍ଥ ଯାତ୍ରା ପଡ଼ିଆ ଠାରେ ସ୍ଥାପନ କରାଯାଇଥିଲା ।ଏହି ପୂଜା କାର୍ଯ୍ୟରେ ଯାତ୍ରା ପରିଚାଳନା କମିଟିର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ କର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରି ଥିଲେ । ଶୁଭ ଖୁଣ୍ଟି ଅଣା ଯିବା ବେଳେ ନାନା ପଟୁଆର ଓ ବାଜା ବାଜଣା ସହ ବିଭିନ୍ନ ବେଶ ଭୁଷା ଓ ନୃତ୍ୟ ସହିତ ବାଣ ଫୁଟାଇ ଯାତ୍ରା ପଡିଆକୁ ଅଣା ଯାଇଥିଲା । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଲମ୍ବୋଦର କହଁର,ଫୁଲବାଣୀ ପୌରାଧକ୍ଷା ସ୍ମିତା ରାଣୀ ମହାନ୍ତି, ଉପାଧକ୍ଷା ପାୟଲ ବେହେରା, ଯାତ୍ରା କମିଟି ର ଉପ ସଭାପତି ସୁଜିତ କୁମାର ବେହେରା, ଓକିଲ ସଂଘ ସମ୍ପାଦକ କୁଞ୍ଜ ବିହାରୀ ଶତପଥୀ, ସହ ସମ୍ପାଦକ ପାର୍ଥ ସାରଥୀ ବିଶ୍ୱାଳ, ଅରୁଣ ପଣ୍ଡା, ସୁମନ ପଟ୍ଟନାୟକ, ସୀମାଞ୍ଚଳ ପ୍ରଧାନ,ଅର୍ଥ ସମ୍ପାଦକ କାବୁଲା ସେନାପତି, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତି,ସାଂସ୍କୃତିକ ସମ୍ପାଦକ ଭି ଲୋକନାଥ ରାଜୁ ପ୍ରମୁଖଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5204